# ରାଜ୍ୟ ବିଧି ବିଜ୍ଞାନଗାର, ଭୁବନେଶ୍ୱର

ବିଜ୍ଞାପନ ସଂଖ୍ୟା -୦୧ /SFSL, Dtd. 23.02.2017

## ଭିସେରା କଟର (Viscera Cutter) ନିଯୁକ୍ତି ନିମନ୍ତେ ବିଜ୍ଞାପନ ।

ରାଜ୍ୟ ଗୃହ ବିଭାଗ ଦ୍ୱାରା ଅନୁମୋଦିତ ହୋଇ ନୂତନ ଭାବେ ସୃଷ୍ଟି ହୋଇଥିବା ଚାରିଗୋଟି ଭିସେରା କଟର (Viscera Cutter) ପଦବୀ ପୂରଣ ପାଇଁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ନିଯୁକ୍ତି ପ୍ରକ୍ରିୟାର ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କର ଚୟନ (Selection) ରାଜ୍ୟସ୍ତରୀୟ ଅଟେ ଏବଂ ଏହା ବିଭାଗୀୟ ସିଲେକ୍ସନ୍ ବୋର୍ଡ ଦ୍ୱାରା ସ୍ଥିରିକୃତ କରାଯିବ । ଦରଖାସ୍ତ ଗୁଡିକ ନିର୍ଦ୍ଦେଶକ ରାଜ୍ୟ ବିଧି ବିଜ୍ଞାନଗାର, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା. ୧୫.୦୩.୨୦୧୭ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସଂପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୧. ବର୍ଗ ଅନୁସାରେ ଖାଲିଥିବା ଭିସେରା କଟର (Viscera Cutter) ପଦବୀ ସଂଖ୍ୟା

| ସାଧାରଣ ବର୍ଗ | ଅନୁସୂଚିତ ଉପଜାତି | ସମୁଦାୟ ପଦବୀ ସଂଖ୍ୟା |
|---|---|---|
| ପୁରୁଷ (୩) | ପୁରୁଷ (୧) | ପୁରୁଷ (୪) |

୨. ଉପର ଲିଖିତ ବିଭାଗରେ (ନିର୍ଦ୍ଦେଶକ, ବିଧି ବିଜ୍ଞାନଗାର, ଭୁବନେଶ୍ୱର) ୦୪ଟି ଖାଲିଥିବା ଭିସେରା କଟର (Viscera Cutter) ପଦବୀ ନିମନ୍ତେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ । ପ୍ରାର୍ଥୀମାନେ ରାଜ୍ୟର ଯେ କୌଣସି ଜିଲ୍ଲାର ବାସିନ୍ଦା ହୋଇଥିଲେ ଆବେଦନ କରିପାରିବେ ।

୩. ଚାକିରୀରେ ନିଯୁକ୍ତି ସଂପର୍କୀୟ ସର୍ତ୍ତାବଳୀ :-

ସାଧାରଣ ପ୍ରଶାସନ ବିଭାଗ ଓଡିଶା ସରକାରଙ୍କର ଓଡିଆ ବିଜ୍ଞପ୍ତି ନଂ-୩୨୦୧୦/GEN ତା.୧୨.୧୧.୨୦୧୩ ରିଖ ଓ ଚିଠି ସଂଖ୍ୟା – ୪୦୮୬୯/ତା.୨୨.୦୮.୨୦୦୭ ସର୍ତ୍ତାବଳୀ ଅନୁସାରେ ପ୍ରାରମ୍ଭିକ ଚାକିରୀରେ ନିଯୁକ୍ତି ସଂପର୍କୀୟ ସର୍ତ୍ତାବଳୀ (ଗ୍ରୁପ୍-ଡି ପଦବୀ ପାଇଁ) ଅନୁଯାୟୀ ନିୟନ୍ତ୍ରିତ ହେବ ।

୪. ନାମ ପଞ୍ଜୀକରଣ :-

ପ୍ରାର୍ଥୀ ରାଜ୍ୟର ଯେ କୌଣସି କର୍ମଯୋଗାଣ କେନ୍ଦ୍ରରେ ନିଜର ନାମ ପଞ୍ଜୀକରଣ କରିଥିବେ । ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ଏହି ପଞ୍ଜୀକରଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀ ଏକାଧିକ କର୍ମଯୋଗାଣ କେନ୍ଦ୍ରରେ ନାମ ପଞ୍ଜୀକରଣ କରି ନଥିବେ ।

୫. କାର୍ଯ୍ୟ ନିର୍ବାହ ସୂଚୀ :-

କ. ଡାକ୍ତରୀ ମାଇନା ପରେ କାଚ ବା ପ୍ଲାଷ୍ଟିକ୍ ପାତ୍ରରେ ସଂଗୃହିତ ମୃତକମାନଙ୍କର ଅଂଗବିଶେଷ ଓ ଆବଶ୍ୟକ ସ୍ଥଳେ ରକ୍ତ ବାନ୍ତି ଇତ୍ୟାଦିର ପୁଡିଆକୁ ନେଇ ମାଲ୍‌ଖାନାରେ ଠିକ୍ ଭାବେ ରଖିବା ଓ ଆବଶ୍ୟକ ସ୍ଥଳେ ପୁନଃ ବିଜ୍ଞାନଗାରକୁ ପରୀକ୍ଷା ନିମନ୍ତେ ଆଣିବା ।

ଖ. ମୃତ ଦେହାବଶେଷ ଭରିଥିବା କାଚ ବା ପ୍ଲାଷ୍ଟିକ୍ ପାତ୍ରକୁ ଫିଟାଇବା ଓ ଉପରସ୍ଥ ବୈଜ୍ଞାନିକମାନଙ୍କ ନିର୍ଦ୍ଦେଶ ମୁତାବକ ପଦାର୍ଥଗୁଡିକୁ ଛୋଟ ଛୋଟ ଖଣ୍ଡ କାଟିବା ଓ ରାସାୟନିକ ବିଶ୍ଳେଷଣ ନିମନ୍ତେ ପ୍ରସ୍ତୁତି କରାଇବା ।

ଗ. ତତ୍‌ପରେ ଉକ୍ତ ରାସାୟନିକ ବିଶ୍ଳେଷଣରେ ବ୍ୟବହୃତ ହୋଇଥିବା କାଚ ଓ ପ୍ଲାଷ୍ଟିକ୍ ପାତ୍ର ସବୁକୁ ଉତ୍ତମ ରୂପେ ସଫା କରିବା ଓ ପ୍ରତିଦିନ ବିଜ୍ଞାନଗାରକୁ ସଫା ରଖିବା ।

ଘ. ପୁନଃ ବିଶ୍ଳେଷଣ ପରେ ବଳକା ଥିବା ଅଂଶଗୁଡିକୁ ଯଥା ପାତ୍ରରେ ଭରି ପୁନର୍ବାର ସଂରକ୍ଷିତ ରଖିବା ଏବଂ ନିର୍ଦ୍ଦିଷ୍ଟ ସମୟରେ ସେଗୁଡିକୁ ନଷ୍ଟ କରିବା ନିମନ୍ତେ ଆୟୋଜନ କରିବା ।

ଙ. ଆବଶ୍ୟକ ସ୍ଥଳେ ଉପରସ୍ଥ ଅଫିସରଙ୍କ ଆଦେଶ ମୁତାବକ କାର୍ଯ୍ୟନିର୍ବାହ କରିବା ।

୬. ବୟସ ସୀମା :-

ପ୍ରାର୍ଥୀଙ୍କର ବୟସ ତା.୧୫.୦୩.୨୦୧୭ ରିଖ ସୁଦ୍ଧା ୧୮ ବର୍ଷରୁ କମ୍ କିମ୍ବା ୩୨ ବର୍ଷରୁ ଅଧିକ ହୋଇ ନଥିବ । ଅନୁସୂଚିତ ଜନଜାତି ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ ।

୭. ଶିକ୍ଷାଗତ ଯୋଗ୍ୟତା :-

ପ୍ରାର୍ଥୀ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ କିମ୍ବା ଅନ୍ୟ କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ପଞ୍ଚମ ଶ୍ରେଣୀ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଭାଷା କହି ପାରୁଥିବେ, ପଢି ପାରୁଥିବେ ଓ ଲେଖି ପାରୁଥିବେ ।

୮. ଦରମା :-

Pay Band – S-I. Rs.4750-14680 + Grade Pay Rs.1700/-

୯. ଅନ୍ୟାନ୍ୟ ଯୋଗ୍ୟତା :-

(କ) ପ୍ରାର୍ଥୀ ଉତ୍ତମ ଚରିତ୍ରର ଅଧିକାରୀ ହୋଇଥିବେ ।

(ଖ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ପତ୍ନୀ ନ ଥିବେ ।

(ଗ) ସେ ସ୍ୱାସ୍ଥ୍ୟବାନ୍ ହୋଇଥିବେ ଓ ଶାରୀରିକ ରୂପେ ଅକ୍ଷମ ବା ଭିନ୍ନକ୍ଷମ ହୋଇ ନଥିବେ ।

(ଘ) ପ୍ରାର୍ଥୀଙ୍କ ବିରୁଦ୍ଧରେ କୌଣସି ଫୌଜଦାରୀ ମକଦ୍ଦମା ନଥିବ ।

**ବି.ଦ୍ର.:-** ଶାରୀରିକ ଅକ୍ଷମ ବା ଭିନ୍ନକ୍ଷମ ବ୍ୟକ୍ତି ଭିସେରା କଟର (Viscera Cutter) ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

**୧୦.** ପ୍ରାର୍ଥୀ ନିମ୍ନଲିଖିତ ପ୍ରମାଣ ପତ୍ର ଗୁଡିକର ନକଲ ଦରଖାସ୍ତ ସହିତ ସଂଲଗ୍ନ କରି କାଖଲ କରିବେ । ଏହି ନକଲଗୁଡିକ ପ୍ରାର୍ଥୀଙ୍କ ଦ୍ୱାରା ସଂପୂର୍ଣ୍ଣ ସ୍ୱାକ୍ଷର ଓ ତାରିଖ ସହ ଅନୁପ୍ରମାଣିତ (Self attested) ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କ ଦ୍ୱାରା ଅନୁପ୍ରମାଣିତ ପ୍ରମାଣପତ୍ରର ନକଲ ଉକ୍ତ ପ୍ରମାଣପତ୍ର ସଂପୃକ୍ତ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଉଥିବାର ଚୂଡାନ୍ତ ପ୍ରମାଣ ବୋଲି ଗ୍ରହଣ କରାଯିବ ।

(କ) ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର :- ପଞ୍ଚମ ଶ୍ରେଣୀ ପାସ୍ କରିଥିବା ସାର୍ଟିଫିକେଟ୍ କିମ୍ବା ତତ୍ତୁଲ୍ୟ ।

(ଖ) ଶିକ୍ଷାଗତ ଯୋଗ୍ୟତା :- ପଞ୍ଚମ ଶ୍ରେଣୀ ପାସ୍ କରିଥିବା ସାର୍ଟିଫିକେଟ୍ ପରୀକ୍ଷା ଓ ତତ୍ତୁଲ୍ୟ ।

ବୃତ୍ତିଗତ ଅଭିଜ୍ଞତା ଥିଲେ ଅଗ୍ରାଧିକାର ଦିଆଯିବ ।

(ଗ) ସ୍କୁଲ୍ ସାର୍ଟିଫିକେଟ୍‌ର ମାର୍କସିଟ୍ ନକଲ :-

(ଘ) ଜାତିଗତ ପ୍ରମାଣପତ୍ର :- କେବଳ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ପ୍ରଯୁଜ୍ୟ ।

(ଙ) ନାମ ପଞ୍ଜିକରଣ ପ୍ରମାଣପତ୍ର :-

(ଚ) ତିନୋଟି ପାସ୍‌ପୋର୍ଟ ସାଇଜ୍‌ର ରଂଗୀନ୍ ଫଟୋଗ୍ରାଫ୍ – (ଦରଖାସ୍ତ ଫର୍ମରେ ଲଗା ଯାଇଥିବା ରଂଗୀନ୍ ଫଟୋଗ୍ରାଫ୍ ସହିତ ।)

**୧୧.** ଚୟନ ପ୍ରକ୍ରିୟା :-

ଲିଖିତ ଓ ମୌଖିକ ପରୀକ୍ଷା ଦ୍ୱାରା କରାଯିବ । ଲିଖିତ ପରୀକ୍ଷା ପାଇଁ ୬୦% ଓ ମୌଖିକ ପରୀକ୍ଷା ପାଇଁ ୪୦% ନମ୍ବର ଧାର୍ଯ୍ୟ କରାଯାଇଛି । ଲିଖିତ ପରୀକ୍ଷା ତା.୧୭.୦୩.୨୦୧୭ ରିଖ ଦିନ ପୂର୍ବାହ୍ନ ୧୧.୦୦ ସମୟରେ ରାଜ୍ୟ ବିଧିବିଜ୍ଞାନଗାର (State Forensic Science Laboratory) ରସୁଲଗଡ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ । ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା

ପ୍ରାର୍ଥୀମାନଙ୍କର ତାଲିକା କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ତା.୨୦.୦୩.୨୦୧୭ ରିଖ, ପୂର୍ବାହ୍ନରେ ପ୍ରକାଶ କରାଯିବ ଓ ତତ୍ ସହିତ ସାକ୍ଷାତକାର ଦିବସର ତାରିଖ ଏକ ସଂଗେ ପ୍ରକାଶ ପାଇବ ।

୧୨. କିପରି ଆବେଦନ କରିବେ :-

ଯେଉଁ ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀମାନେ ଭିସେରା କଟର (Viscera Cutter) ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ଚାହୁଁଥିବେ, ସେମାନେ ନିର୍ଦ୍ଦେଶକ, ରାଜ୍ୟ ବିଧି ବିଜ୍ଞାନଗାର, ରସୁଲଗଡ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରୁ ପ୍ରାର୍ଥୀ ଦରଖାସ୍ତ ଫର୍ମ ବିନା ମୂଲ୍ୟରେ ନେଇପାରିବେ । ଏହା ବ୍ୟତୀତ ଏହି ଦରଖାସ୍ତ ଫର୍ମ ଓଡିଶା ପୋଲିସ ୱେବ୍ ସାଇଟ୍ (www.odishapolice.gov.in) ରୁ ଡାଉନ୍‌ଲୋଡ୍ କରିହେବ । ଅନ୍ୟ ମାଧ୍ୟମରୁ ଆଣିଥିବା ଫର୍ମ ଗ୍ରହଣଯୋଗ୍ୟ ନୁହେଁ । ବିଳମ୍ବରେ ପ୍ରାପ୍ତ ଆବେଦନ ପତ୍ର ପାଇଁ ଚୟନ କମିଟି ଦାୟୀ ନୁହଁନ୍ତି । ଲଫାପା ଓ ଆବେଦନ ପତ୍ର ଉପରେ ଯେଉଁ ନିଯୁକ୍ତି ପାଇଁ ଆବେଦନ କରୁଛନ୍ତି ତାହା ବଡ ଅକ୍ଷରରେ ଦର୍ଶାଇବେ । ଆବେଦନ ପତ୍ରକୁ ବିନା କାରଣ ଦର୍ଶାଇ ନିର୍ଦ୍ଦେଶକ, ବିଧିବିଜ୍ଞାନଗାର, ଭୁବନେଶ୍ୱର ଖାରଜ କରିପାରିବେ । ପ୍ରାର୍ଥୀ ଦରଖାସ୍ତ ଫର୍ମ ସହିତ ଅନ୍ୟାନ୍ୟ ପ୍ରମାଣପତ୍ର ଗୁଡିକର ନକଲ ସହ ଉପରୋକ୍ତ ଠିକଣାରେ ଡାକ ଯୋଗେ ପଠାଇ ପାରିବେ ଯେପରି ତାହା କାର୍ଯ୍ୟାଳୟରେ ଦାଖଲ କରିବାର ଶେଷ ତାରିଖ ପୂର୍ବରୁ ପହଞ୍ଚିବ । ଡାକ ବିଭାଗର ବିଳମ୍ବ ପାଇଁ କର୍ତ୍ତୃପକ୍ଷ ଦାୟୀ ରାହିବେ ନାହିଁ । ଦରଖାସ୍ତ ଫର୍ମ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରି ରସିଦ୍ ନେଇ ପାରିବେ । ଫର୍ମ ଦାଖଲ କରିବାର ଶେଷ ତାରିଖ ତା. ୧୫.୦୩.୨୦୧୭ ରିଖ ଅଟେ ।

ନିର୍ଦ୍ଦେଶକ,
ରାଜ୍ୟ ବିଧିବିଜ୍ଞାନଗାର, ଭୁବନେଶ୍ୱର ।

# ଦରଖାସ୍ତ ଫର୍ମ

ନିର୍ଦ୍ଦେଶକ,

ରାଜ୍ୟ ବିଧି ବିଜ୍ଞାନଗାର, ଭୁବନେଶ୍ୱର ।

ନଂ [ ]

(କାର୍ଯ୍ୟାଳୟ ବ୍ୟବହାର ପାଇଁ)

୦୪ଟି ଖାଲିଥିବା ଭିସେରା କଟର (Viscera Cutter) ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଫର୍ମ ।

| ପ୍ରାର୍ଥୀ ନିଜ ଦ୍ୱାରା ଅନୁପ୍ରମାଣିତ (Self attested) ଗୋଟିଏ ରଂଗୀନ୍ ପାସ୍‌ପୋର୍ଟ ସାଇଜ୍‌ର ଫଟୋଗ୍ରାଫ୍ ଏଠାରେ ଲଗାଇବେ । |
|---|

୧. ପ୍ରାର୍ଥୀଙ୍କ ନାମ :-

୨. ପିତାଙ୍କ ନାମ :-

୩. ବର୍ତ୍ତମାନ ଠିକଣା (ପତ୍ରାଳପ ପାଇଁ) :-

୪. ସଂପୂର୍ଣ୍ଣ ସ୍ଥାୟୀ ଠିକଣା :-

୫. ଯୋଗାଯୋଗ :-

(କ) ଟେଲିଫୋନ୍ :-

(ଖ) ମୋବାଇଲ୍ :-

୬. ଜନ୍ମ ତାରିଖ :-

(ସ୍କୁଲ୍ ସାର୍ଟିଫିକେଟ ଅନୁସାରେ)

୭. ତା .. .. .. .. .. .. ୨୦୧୭ ରିଖ ସୁଦ୍ଧା ବୟସ .. .. .. ବର୍ଷ .. .. .. ମାସ .. .. .. ଦିନ

୮. ଲିଙ୍ଗ :- [ପୁରୁଷ]

୯. ଧର୍ମ :-

୧୦. ଜାତୀୟତା :-

୧୧. ବର୍ଗ :-

| ସାଧାରଣ ବର୍ଗ | ଅନୁସୂଚିତ ଜନଜାତି |
|---|---|

(ସଂରକ୍ଷିତ ବର୍ଗର ପ୍ରାର୍ଥୀ ସେମାନଙ୍କର ବର୍ଗ ସଂପର୍କିତ ପ୍ରମାଣ ପତ୍ରର ନକଲ ନିଜ ଦ୍ୱାରା ଅନୁପ୍ରମାଣିତ (Self attested) କରି ସଂଲଗ୍ନ କରିବେ)

୧୨. ଶିକ୍ଷାଗତ ଯୋଗ୍ୟତା :-

(ପଞ୍ଚମ ଶ୍ରେଣୀ ପାସ୍ ବା ତଦୁର୍ଦ୍ଧ)

(ଏଥିପାଇଁ ସ୍କୁଲ୍ ସାର୍ଟିଫିକେଟ୍ ବା ସ୍କୁଲ ଲିଭିଙ୍ଗ୍ ସାର୍ଟିଫିକେଟ୍ ଅନୁପ୍ରମାଣିତ (Self attested) ହୋଇ ସଂଲଗ୍ନ କରାଯିବ)

୧୩. ପ୍ରାର୍ଥୀଙ୍କର ପୂର୍ବରୁ ଏ କ୍ଷେତ୍ରରେ କୌଣସି ଅଭିଜ୍ଞତା ଅଛି କି :-

(ଯଦି ହଁ ତାହାହେଲେ ତତ୍ ସମ୍ବନ୍ଧୀୟ ପ୍ରମାଣ ପତ୍ର ଦାଖଲ କରିବେ)

୧୪. (କ) ପ୍ରାର୍ଥୀ ବିବାହିତ କି ? :- ☐ ହଁ ☐ ନାହିଁ

(ଖ) ଏକାଧିକ ପତ୍ନୀ ଅଛନ୍ତି କି ? :- ☐ ହଁ ☐ ନାହିଁ

୧୫. ନାମ ପଞ୍ଜିକରଣ ନମ୍ବର, ତାରିଖ ଓ କର୍ମଯୋଗାଣ କେନ୍ଦ୍ରର ନାମ :-

୧୬. ପ୍ରାର୍ଥୀ କୌଣସି ଫୌଜଦାରୀ ମକଦ୍ଦମାରେ ସଂପୃକ୍ତ କି ? ☐ ହଁ ☐ ନାହିଁ

(ଯଦି କୌଣସି ଫୌଜଦାରୀ ମକଦ୍ଦମାରେ ସଂପୃକ୍ତ କିମ୍ବା ଦଣ୍ଡିତ ହୋଇଥାଆନ୍ତି, ତାହାହେଲେ ତତ୍ ସଂପର୍କୀୟ ବିଶଦ ବିବରଣୀ) :-

୧୭. ପ୍ରାର୍ଥୀ ଶାରିରୀକ ସକ୍ଷମ ଓ ଉତ୍ତମ ସ୍ୱାସ୍ଥ୍ୟବାନ୍ କି ? ☐ ହଁ ☐ ନାହିଁ

୧୮. ଚେକ୍ ଲିଷ୍ଟ୍ :-

| | |
|---|---|
| ୧. | ସ୍କୁଲ ସାର୍ଟିଫିକେଟ୍ ନକଲ |
| ୨. | ସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାର ମାର୍କ ସିଟ୍ ନକଲ |
| ୩. | ଜାତିଗତ ପ୍ରମାଣପତ୍ରର ନକଲ (ଯଦି ଅନୁସୂଚିତ ଜନଜାତି) |
| ୪. | Passport Size Colour Photograph – 03Nos. |
| ୫. | ନିଜ ଜିଲ୍ଲାର CDMO ଙ୍କଠାରୁ ଶାରୀରିକ ସକ୍ଷମ ଓ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପ୍ରମାଣପତ୍ର |
| ୬. | ଦରଖାସ୍ତ ଗ୍ରହଣ ଶେଷ ତାରିଖ – ୧୫.୦୩.୨୦୧୭ |
| ୭. | ଲିଖିତ ପରୀକ୍ଷାର ତାରିଖ – ୧୭.୦୩.୨୦୧୭ |
| ୮. | ଲିଖିତ ପରୀକ୍ଷା ଫଳର ପ୍ରକାଶନ ଦିବସ -୨୦.୦୩.୨୦୧୭ |

## ଘୋଷଣାନାମା

ମୁଁ ଶ୍ରୀ .. .. .. .. .. .. .. .. .. .. .. .. .. .. .. .. .. ପିତା .. .. .. .. .. .. .. .. .. .. .. .. .. .. .. .. ଏତଦ୍ଵାରା ଘୋଷଣା କରୁଅଛି କି ଉପରୋକ୍ତ ତଥ୍ୟଗୁଡିକ ସଂପୂର୍ଣ୍ଣ ସତ୍ୟ ଅଟେ । ଏଥର ମଧ୍ୟରୁ କୌଣସି ତଥ୍ୟ ଅସତ୍ୟ ପ୍ରମାଣିତ ହେଲେ, ମୋର ପ୍ରାର୍ଥୀତ୍ୱ ଅସିଦ୍ଧ ବିବେଚିତ ହେବ । ମୁଁ ଓଡିଶାର ଯେ କୌଣସି ଜିଲ୍ଲାରେ କାର୍ଯ୍ୟ କରିବାକୁ ଇଚ୍ଛୁକ ଅଟେ । ______________________

ସ୍ଥାନ :- ପ୍ରାର୍ଥୀଙ୍କ ସଂପୂର୍ଣ୍ଣ ସ୍ୱାକ୍ଷର

ତାରିଖ :-